**ସଂକ୍ଷେପରେ**

## ବଟି ନ ଦେବାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୪।୫ (ସୁବାସ ଚନ୍ଦ୍ର ପାଢ଼ୀ)

ବଟି ମାଗିବା ସହ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଫୋନ୍ ଛଡ଼ାଇନେବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯୋଗିଆପଲ୍ଲୀ ଗ୍ରାମର ବି. ସନ୍ତୋଷ ପାତ୍ର(୩୫)। ତାଙ୍କ ନିକଟରୁ ୫ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ଯୋଗିଆପଲ୍ଲୀ ବଡ଼ସାହିର ରମେଶ ଚନ୍ଦ୍ର ସେଠୀଙ୍କ ଗୋଇସାହିରେ ଦୋକାନ ଅଛି। ଗତ ୧୩ ତାରିଖରେ ବି. ସନ୍ତୋଷ ଦୋକାନକୁ ଆସି ବଟି ମାଗିଥିଲେ। ରମେଶ ମନା କରିବାରୁ ଗାଳି ଗୁଲଜ କରିଥିଲେ। ପୁଣି ୧୪ ତାରିଖ ସକାଳେ ସନ୍ତୋଷ ଦୋକାନକୁ ଆସି ୫ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ଏ ନେଇ ରମେଶ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ।

## ବିଧାୟକ ପ୍ରାର୍ଥୀ ଅନିଲଙ୍କ ସମର୍ଥକଙ୍କୁ ଧମକ, ୨ ଗିରଫ

ବ୍ରହ୍ମପୁର,୧୪।୫ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଧାନସଭା କ୍ଷେତ୍ରର ଭାଜପା ବିଧାୟକ ପ୍ରାର୍ଥୀ କେ. ଅନିଲ କୁମାରଙ୍କ ସମର୍ଥକଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଏ. ସନ୍ତୋଷ ଏବଂ ଅଶ୍ୱଲା । ଗତ ୧୨ ତାରିଖରେ ଅନିଲଙ୍କ ପକ୍ଷରୁ ଗାନ୍ଧୀନଗର ଠାରେ ଖୋଲାଯାଇଥିବା ଦଳୀୟ କାର୍ଯ୍ୟାଳୟରେ ତାଙ୍କ ସମର୍ଥକମାନେ ବସିଥିବା ବେଳେ ଅଭିଯୁକ୍ତଦ୍ୱୟ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସହ ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଭାଜପାକୁ ଭୋଟ ଦେଲେ କିମ୍ବା ଭୋଟ ଦେବାକୁ କହିଲେ ବୋମା ପକାଇ ଦଳୀୟ କାର୍ଯ୍ୟାଳୟ ଉଡାଇ ଦେବେ ବୋଲି କହିଥିଲେ। ରାତି ୧୦ଟାରେ ସେମାନେ ଅନିଲଙ୍କ ସମର୍ଥକଙ୍କୁ ଅଟକାଇ ପୁଣି ଧମକ ଦେଇଥିଲେ । ଘଟଣାକୁ ନେଇ ସମର୍ଥକଙ୍କଠାରୁ ଜାଣିବା ପରେ ଅନିଲ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୬୫/୨୪ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଘର ଉପରକୁ ବୋମାମାଡ଼, ଦୁର୍ବୃତ୍ତ ଫେରାର

ବ୍ରହ୍ମପୁର,୧୪।୫(ସୁବାସ ଚନ୍ଦ୍ର ପାଢ଼ୀ)

ଭାବିନୀପୁର ଗୌତମ ନଗର ୧୪ ଲାଇନରେ ରହୁଥିବା ଲବ ସେଠୀଙ୍କ ଘରକୁ କେହି ଦୁର୍ବୃତ୍ତ ବୋମାମାଡ କରିଥିଲେ। ସେ ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ ଲବ ଓ ତାଙ୍କ ପରିବାର ଲୋକେ ଶୋଇଥିବା ବେଳେ ଗତ ୧୩ତାରିଖ ବିଳମ୍ବିତ ରାତିରେ କିଛି ଶବ୍ଦ ଶୁଣି ଲବ ଉଠି କବାଟ ଖୋଲିଦେଖିବା ବେଳକୁ ୨ ଦୁର୍ବୃତ୍ତ ତାଙ୍କୁ ଗାଳି ଗୁଲଜ କରିବା ସହ ଗ୍ରୀଲକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ପରେ ସେମାନେ ଗୋଟିଏ ବୋମା ଲବଙ୍କ ଘର ଉପରକୁ ଫୋପାଡିଥିଲେ। ଏଥିରେ କବାଟ ଭାଙ୍ଗିବା ସହ ପରିବାର ଲୋକଙ୍କୁ ସାମାନ୍ୟ ଆଘାତ ଲାଗିଥିବା ସେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

## ଅସହାୟ ୩ ଶିଶୁଙ୍କୁ ସହାୟତା କଲା ପ୍ରଶାସନ

ପାରଳାଖେମୁଣ୍ଡି, ୧୪।୫ (ଗିରିଧାରୀ ପରିଛା)

ଆର. ଉଦୟଗିରି ଥାନା ଅନ୍ତର୍ଗତ ବସ୍ରେରିଗୁଡ଼ା ପଞ୍ଚାୟତର ବାଦପୁର ଗ୍ରାମର ଏକ ପରିବାରର ପିତାଙ୍କ ମୃତ୍ୟୁ ପରେ ମା’ ତିନିଜଣ ପିଲାମାନଙ୍କୁ ଛାଡି କୁଆଡ଼େ ପଳାଇଯିବାରୁ ଶିଶୁମାନେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହୁଥିବା ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ତରଫରୁ ତତ୍‌କ୍ଷଣାତ ଚାଇଲ୍ଡ ହେଲ୍ପଲାଇନ କର୍ମୀ ଇସମାଇଲ କରାଡ ବାଦପୁର୍ ଗ୍ରାମରେ ପହଞ୍ଚି ଗ୍ରାମର ବ୍ୟକ୍ତି ବିଶେଷ ଓ ଶିଶୁଙ୍କ ଅଭିଭାବଙ୍କ ସହ ଆଲୋଚନା କରି ୩ ଶିଶୁକୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୧୧ ବର୍ଷ ଝିଅ ୯ ବର୍ଷ ଓ ୭ ବର୍ଷର ୨ ପୁଅଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ଅଣାଯାଇ ପ୍ରଥମେ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥିତ କରାଯାଇ ପାରଳଖେମୁଣ୍ଡିର ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି। ସେଠାରେ ଶିଶୁମାନେ ରହି ମାଗଣାରେ ଖାଇବା ରହିବା ସହ ପାଠ ପଢ଼ିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯାଇଥିବା ଜଣାପଡ଼ିଛି।

# ଦଳ-ପ୍ରାର୍ଥୀଙ୍କ ପକ୍ଷରୁ ଖୋଜା ଚାଲିଛି କାରଣ

ବ୍ରହ୍ମପୁର,୧୪।୫(ନରସିଂହ ସାହୁ)

ରାଜ୍ୟରେ ଗତ ସୋମବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଥିଲା। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ଗଞ୍ଜାମ ଜିଲାରେ ଥିବା ୫ ବିଧାନସଭା ସେଗମେଣ୍ଟର ଭୋଟ ଗ୍ରହଣ ପୂର୍ବ ମତଦାନ ଅପେକ୍ଷା ଯଥେଷ୍ଟ କମିଛି। ବ୍ରହ୍ମପୁର ସେଗମେଣ୍ଟରେ ମାତ୍ର ୪୭.୯% ମତଦାନ ହୋଇଥିବାରୁ ମୁଖ୍ୟତଃ ବିଜେଡି-ଭାଜପା, କଂଗ୍ରେସ ଓ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି। ଅନ୍ୟପକ୍ଷରେ ଶିକ୍ଷିତ, ବୁଦ୍ଧିଜୀବୀ ଓ ସଚେତନ ମହଲ ବହୁଳ ମହାନଗରବାସୀ ଏଥର ମତଦାନ ପାଇଁ ଅନାଗ୍ରହ ପ୍ରକାଶ କରିଥିବା ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ୨୦୧୯ ନିର୍ବାଚନରେ ୫୬.୩% ମତଦାନ ହୋଇଥିଲା। ଏଥର ମତଦାନ ହ୍ରାସ ଯୋଗୁ ବିଜେଡି ଶିବିରରେ ନାନା ଆଶଙ୍କା ପ୍ରକାଶ ପାଇଛି। ଭାଜପାକୁ ଫାଇଦା ମିଳିବ ବୋଲି ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ଭୋଟହାର କମିଥିଲେ ମଧ୍ୟ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ଜଣକ ଜିତିବା ଆଶା ରଖିଛନ୍ତି। ଦୀର୍ଘଦିନ ଧରି ନିର୍ବାଚନୀ ପ୍ରଚାର ଏବଂ ଦୁଇ ପ୍ରମୁଖ ଦଳ ପ୍ରାର୍ଥୀଙ୍କ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା ସତ୍ତ୍ୱେ ମତଦାନ ଏତେ ପରିମାଣରେ କାହିଁକି ହ୍ରାସ ପାଇଲା ସେ ନେଇ ଭାଜପା ଓ ବିଜେଡି ଅଙ୍କକଷା କରୁଛି।

**ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ମତଦାନ ହ୍ରାସ**

ସୂଚନାଯୋଗ୍ୟ ବ୍ରହ୍ମପୁର ବିଧାନସଭା ମଇଦାନରେ ଏଥର ସର୍ବାଧିକ ୧୭ ଜଣ ଥିଲେ ମଧ୍ୟ ମୁଖ୍ୟତଃ ଶଙ୍ଖ ଓ ପଦ୍ମ ମଧ୍ୟରେ ତୀବ୍ର ଲଢ଼େଇ ହୋଇଥିଲା। ଜୁନ ୪ ତାରିଖ ଫଳାଫଳ ଘୋଷଣାକୁ ଅପେକ୍ଷା କରାଯାଇଛି। ଚଳିତ ବର୍ଷର ନିର୍ବାଚନ ପାଇଁ ନାମାଙ୍କନ ଠାରୁ ଭୋଟ ଗ୍ରହଣ ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳଗୁଳି ଯୋଗୁ ଅନେକ ଭୋଟର ମତଦାନ ପାଇଁ ଘରୁ ବାହାରିନଥିବା କେତେଜଣ ସମୀକ୍ଷକ ମତବ୍ୟକ୍ତ କରୁଛନ୍ତି। ଆଉ କେତେକଙ୍କ ମତରେ ଲଗାମଛଡ଼ା ଦରବୃଦ୍ଧି ନିୟନ୍ତ୍ରଣରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ଯୋଗୁ ଭୋଟର ବିମୁଖ ହୋଇଯାଇଥିବାରୁ ଗଣତନ୍ତ୍ର ମହାପର୍ବରେ ସାମିଲ ହୋଇନାହାନ୍ତି ବୋଲି କହିଛନ୍ତି। ଚିକିଟି, ଗୋପାଳପୁର, ଛତ୍ରପୁର ଓ ଦିଗପହଣ୍ଡି ସେଗମେଣ୍ଟରେ ମତଦାନ ପୂର୍ବ ଭଳି ଥିବା ସତ୍ତ୍ୱେ କେବଳ ବ୍ରହ୍ମପୁରରେ ହ୍ରାସ ପାଇଛି। ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ କାରଣ ଖୋଜା ଚାଲିଛି।

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାରେ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ସଫଳତା




ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର,୧୪।୫(ସ୍ମୃତି ରଞ୍ଜନ ମହାଲିକ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳରେ ଲାଞ୍ଜିପଲୀ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ଅନୁଷ୍ଠାନର ଦଶମ ଶ୍ରେଣୀ ପରୀକ୍ଷାରେ ୮୪% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସମ୍ବିତ କୁମାର ପାତ୍ର ପ୍ରଥମ (୯୭.୨%), ପ୍ରଭାସ ରଞ୍ଜନ ପାତ୍ର ଦ୍ୱିତୀୟ (୯୫%) ଓ ଅନ୍ୱେଷା ସାହୁ ତୃତୀୟ (୯୪.୮%) ହୋଇଛନ୍ତି। ବିଷୟ ଅନୁସାରେ ଭବାନୀ ଶଙ୍କର ପାଣିଗ୍ରାହୀ ଗଣିତରେ ୧୦୦ ମାର୍କ, ଇଂରାଜୀରେ ୯୯%, ସମ୍ବିତ ପାତ୍ର ବିଜ୍ଞାନରେ ୯୯%, ଏସଏସଟି ବିଷୟରେ ୯୮%, ଓଡିଆରେ ୯୯%, ଭି ସାଇଯୋଗ ହିନ୍ଦୀରେ ୯୫% ଓ ପ୍ରତ୍ୟୁଷ କୁମାର ଆଇଟିରେ ୯୪% ମାର୍କ ରଖିଛନ୍ତି। ସେହିଭଳି ଦ୍ୱାଦଶ ପରୀକ୍ଷା ଫଳାଫଳରେ ମିଳନ ଷଡଙ୍ଗୀ ୯୪.୫% ପ୍ରଥମ, ଦୀପକ କୁମାର ପଣ୍ଡା ଦ୍ୱିତୀୟ ଓ ପ୍ରିୟଙ୍କା ସାବତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଭଳି ଶିକ୍ଷାନୁଷ୍ଠାନର ୩୧ ଜଣ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସଫଳତା ପାଇଁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ଅଶୋକ କୁମାର ପାଳ କୃତଜ୍ଞତା ଜଣାଇଛନ୍ତି।

## ପ୍ରାର୍ଥୀ ଆପଣାଉଛନ୍ତି ଡିଜିଟାଲ୍ ପ୍ଲାଟଫର୍ମ

ବାଲିଗୁଡା,୧୪।୫(ସଞ୍ଜୟ ପାଣିଗ୍ରାହୀ)

ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ କନ୍ଧମାଳ ଲୋକସଭା ଏବଂ ଫୁଲବାଣୀ, ଜି. ଉଦୟଗିରି ଓ ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ ଗ୍ରହଣ ଆସନ୍ତା ମେ ୨୦ ତାରିଖରେ ହେବ। ଏଥିପାଇଁ ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ବାତାବରଣ ଉଷ୍ମ ହୋଇଉଠିଛି। ଚଳିତ ନିର୍ବାଚନରେ ସୋସିଆଲ ମିଡିଆ ତଥା ଡିଜିଟାଲ୍ ପ୍ଲାଟଫର୍ମ ଉପରେ ବିଭିନ୍ନ ଦଳ ଓ ପ୍ରାର୍ଥୀମାନେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍ସଆପ ଆଦି ସୋସିଆଲ ମିଡିଆ ଖୋଲୁ ଖୋଲୁ ଆସୁଛି ନିର୍ବାଚନୀ ହାୱା। ବିରୋଧାଭାସଠୁ ଆରମ୍ଭ କରି ପ୍ରଚାର, ଘନ ଘନ ମିଶ୍ରଣ ପର୍ବ ଏବଂ ଭୋଟର କାହାକୁ ଭୋଟଦେବେ, କେଉଁ ଦଳର ପ୍ରଭାବ କେମିତି ରହିଛି ତାହା ଦେଖିବାକୁ ମିଳୁଛି। ଏହିଥର ନିର୍ବାଚନରେ ଡିଜିଟାଲ ପ୍ଲାଟଫର୍ମ ନେତାଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ଭଲ ମାଧ୍ୟମ ହୋଇଛି। ଏହା ଉପରେ ନେତାମାନେ ଭରସା କରି ଜନ ସମର୍ଥନ ହାତେଇବା ପାଇଁ ବ୍ୟଗ୍ର ହୋଇପଡିଛନ୍ତି। ଆୟୋଜିତ ଦଳୀୟ କାର୍ଯ୍ୟକ୍ରମଗୁଡିକୁ ଡିଜିଟାଲ ପ୍ଲାଟଫର୍ମରେ ଛାଡ଼ିବା ପାଇଁ ବ୍ୟାକୁଳ ହେଉଛନ୍ତି। ଯୁବବର୍ଗ ଡିଜିଟାଲ ପ୍ଲାଟଫର୍ମରେ ଅଭ୍ୟସ୍ତ ହୋଇଥିବା ବେଳେ ସେମାନଙ୍କୁ ସବୁ ଦଳ ଆକୃଷ୍ଟ କରିବାକୁ ପ୍ରୟାସ କରୁଛନ୍ତି। ଏପରିକି ବିଭିନ୍ନ ଦଳ ପକ୍ଷରୁ ଫୋନ କଲ ବି ଆସୁଛି। ଲୋକଙ୍କୁ ନାନା ପ୍ରତିଶ୍ରୁତି ଦେଇ ଦଳୀୟ ପ୍ରାର୍ଥୀମାନେ ଭୋଟଭିକ୍ଷା କରୁଛନ୍ତି। ଯେ କୌଣସି କାର୍ଯ୍ୟକ୍ରମ ଦେଖିଲେ ସେଥିରେ ମାଳ ମାଳ ଦଳୀୟ ବିଜ୍ଞାପନ ଆସୁଛି। ନିର୍ବାଚନ ମୈଦାନରେ କାହାର କେତେ ଦମ୍ ଅଛି ତାହାକୁ ଦର୍ଶାଯାଉଛି। ଯୁବପିଢ଼ିଙ୍କୁ ଆଲୋଚନାର ଖୋରାକ ଯୋଗାଇବା ପାଇଁ ଏହା ଏକ ମାଧ୍ୟମ ପାଲଟିଛି। ସୋସିଆଲ ମିଡିଆରେ ଲୋକଙ୍କ ନିକଟତର ହେବା ସହଜ ହୋଇଥିବାରୁ ବିଭିନ୍ନ ଦଳର ନେତା ଏହାକୁ ଆପଣାଇ ଲୋକଙ୍କ ସହ ଯୋଡି ହେଉଛନ୍ତି। ମୋବାଇଲରେ ନିର୍ବାଚନୀ ଖବର ଲୋକେ ପାଇପାରୁଥିବା ବେଳେ ସମ୍ପ୍ରତି ଡିଜିଟାଲ୍ ପ୍ଲାଟଫର୍ମର ଗୁରୁତ୍ୱ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି।

## ଏମ୍‌କେସିଜି ଛାତ୍ରଙ୍କୁ ପୁଣି ର୍‍ୟାଗିଂ ଅଭିଯୋଗ

ବ୍ରହ୍ମପୁର,୧୪।୫ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜରେ ଏମ୍‌ବିବିଏସ୍‌ର ଜଣେ ୨ୟ ବର୍ଷ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗତ ୧୦ ତାରିଖରେ କେତେଜଣ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ର୍‍ୟାଗିଂ ଅଭିଯୋଗ ହୋଇଥିବା ବେଳେ ୧୩ ତାରିଖରେ ପୁଣି ସମାନ ଧରଣର ଅଭିଯୋଗ ସାମନାକୁ ଆସିଛି। ତେବେ ଏଥର ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ କେତେଜଣ ସିନିୟର ଛାତ୍ର ମାଡ ମାରିବା ସହ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ଯାହାକି ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ଚିନ୍ତା ବଢାଇଦେଇଛି । ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରଙ୍କ ନାଁ ଜଣାପଡୁ ନ ଥିବାରୁ କର୍ତ୍ତୃପକ୍ଷ ମଙ୍ଗଳବାର ଦ୍ୱିତୀୟ ବର୍ଷ ଏମ୍‌ବିବିଏସ୍ ପଢୁଥିବା ସମସ୍ତ ଛାତ୍ରଙ୍କୁ ଡାକି ପଚରାଉଚରା କରିଛନ୍ତି । କେଉଁ ଛାତ୍ରଙ୍କୁ ମାଡ ହୋଇଛି ତାହା ଜାଣିବାକୁ ସମସ୍ତଙ୍କ ଶରୀରରେ ଚିହ୍ନ ଖୋଜାଯାଇଛି। ଏମକେସିଜିର ଆଣ୍ଟି ର୍‍ୟାଗିଂ କମିଟି ବସି ଘଟଣାର ତଦନ୍ତ କରାଯାଇଛି। ଏମ୍‌କେସିଜିରେ ଏମବିବିଏସ ପଢୁଥିବା ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ତୃତୀୟ ଏବଂ ଚତୁର୍ଥ ବର୍ଷର ଛାତ୍ର ସହିତ ଏକାଠି ରଖାଯାଉଛି । ଫଳରେ ତୃତୀୟ ଓ ଚତୁର୍ଥ ବର୍ଷର ଛାତ୍ରମାନେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ର୍‍ୟାଗିଂ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ୧୦ ତାରିଖରେ କେତେଜଣ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଆଣ୍ଟିଂ ର୍‍ୟାଗିଂ ସେଲରେ ଅଭିଯୋଗ ହୋଇଥିଲା । ସେହି ଘଟଣାର ତଦନ୍ତ ଚାଲୁଥିବା ବେଳେ ସୋମବାର ପୁଣି ଏକ ଅଭିଯୋଗ ଆସିଥିଲା । ୩ ଜଣ ସିନିୟର ଛାତ୍ର ଜଣେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ମାଡ ମାରିଥିଲେ । ମାଡ ଖାଇଥିବା ଛାତ୍ର ଜଣଙ୍କ ଆଣ୍ଟିଂ ର୍‍ୟାଗିଂ ସେଲରେ ଅଭିଯୋଗ କରିବା ବେଳେ ପିଠିରେ ରହିଥିବା ମାଡ଼ ଚିହ୍ନର ଏକ ଫଟୋ ମଧ୍ୟ ପଠାଇଥିଲେ। ଆଣ୍ଟି ର୍‍ୟାଗିଂ ସେଲ ପକ୍ଷରୁ ସେହି ଅଭିଯୋଗ ପତ୍ର ଏମକେସିଜିକୁ ପଠାଯିବା ସହ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ହେଲେ ଯେଉଁ ଛାତ୍ର ରେଗିଂର ଶିକାର ହୋଇଛନ୍ତି ତାଙ୍କ ନାମ କିମ୍ବା ପରିଚୟ ପ୍ରକାଶ କରାଯାଇନାହିଁ । କିନ୍ତୁ ଯେଉଁ ୩ ଜଣ ଛାତ୍ର ର୍‍ୟାଗିଂ କରିଛନ୍ତି ସେମାନଙ୍କ ନାଁ ଉଲ୍ଲେଖ ରହିଛି। ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହୋଇ ନିଜ ମତ ରଖିବା ସହ ର୍‍ୟାଗିଂ କରିନଥିବା ଲିଖିତ ଭାବେ ଜଣାଇଛନ୍ତି ।

## କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର, ପଥପ୍ରାନ୍ତ ସଭା



ପଥପ୍ରାନ୍ତସଭାରେ ଏମପି ପ୍ରାର୍ଥୀ ।

ଆସିକା,୧୪।୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା ଓ ବିଧାନସଭା ପ୍ରାର୍ଥିନୀ ସୁରଭି ବିଷୋୟୀଙ୍କ ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି । ପ୍ରାର୍ଥିମାନେ ପୃଥକ ପୃଥକ ବିଭିନ୍ନ ଗ୍ରାମାଞ୍ଚଳରେ ଘରକୁ ଘର ବୁଲି ପଥପ୍ରାନ୍ତସଭା ମାଧ୍ୟମରେ ସେମାନଙ୍କ ସପକ୍ଷରେ ମତଦାତାଙ୍କୁ ଆକର୍ଷିତ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟର ବିଜେଡି ସରକାର ପାଇଁ ଗ୍ରାମାଞ୍ଚଳବାସୀ ମୌଳିକ ସୁବିଧା ସୁଯୋଗରୁ ଆଶାନୁରୂପ ସୁଫଳ ପାଇପାରିନାନ୍ତି। ବର୍ତ୍ତମାନ ସବୁଠି ପରିବର୍ତ୍ତନର ସ୍ୱର ଉଠୁଥିବାରୁ ମତଦାତାମାନେ କଂଗ୍ରେସ ଦଳ ସପକ୍ଷରେ ମତଦାନ କରି ବିଜୟୀ କରିବା ନିମନ୍ତେ ନିବେଦନ କରିଥିଲେ । କଂଗ୍ରେସର ଗ୍ୟାରେଣ୍ଟି ସମ୍ପର୍କରେ ପ୍ରାର୍ଥିମାନେ ମତଦାତାଙ୍କୁ ସୂଚନା ପ୍ରଦାନ କରିବା ସହ ଆଗାମୀ ଦିନରେ ଦଳ କ୍ଷମତାକୁ ଆସିଲେ ଏହାର ଶତ ପ୍ରତିଶତ ସୁଫଳ ସମସ୍ତେ ପାଇପାରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ମଙ୍ଗଳବାର ଏମପି. ପ୍ରାର୍ଥୀ ଶର୍ମା ଦଳିୟ କର୍ମୀ ଓ ସମର୍ଥକଙ୍କ ଗହଣରେ ଆସିକା ପୁଡୁଗେଶ୍ୱରପଲ୍ଲୀ ଓ ବାଣୀବିହାର ଏବଂ ଆସିକା ବ୍ଲକର ଚଡିଆପଲ୍ଲୀ, ମଙ୍ଗଳପୁର, ଗଙ୍ଗାପୁର, ବାଙ୍ଗରଡା, କେନ୍ଦୁପଦର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିକ୍ରମା ସହ ପଥପ୍ରାନ୍ତସଭା କରିଥିଲେ । ସେହିଭଳି ବିଧାୟିକା ପ୍ରାର୍ଥିନୀ ବିଶୋୟୀଙ୍କ ପକ୍ଷରୁ ଏହି ବ୍ଲକର ଖାରିଆ, ଘଟକୁରୀ, ବେଣିଆ, ହୁମୁକି ଆଦି ଗ୍ରାମରେ ପ୍ରାର୍ଥିନୀ ଘରକୁ ଘର ବୁଲି ମତଦାତାଙ୍କୁ ତାଙ୍କ ସପକ୍ଷରେ ମତଦାନ ଲାଗି ନିବେଦନ କରିଥିଲେ।

## ଅବକାରୀ ଚଢ଼ାଉ, ୨ ଗିରଫ

ଜୟପୁର, ୧୪।୫(ପବନ ପାଣିଗ୍ରାହୀ)

ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମଙ୍ଗଳବାର ଚଡାଉ କରାଯାଇ ଚୋରା ମଦ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆସାହିର ଟି.ସୀମାଞ୍ଚଳ ଓ ଡାବୁଗୁଡା ଗ୍ରାମର ପଦ୍ମନ ବିଷୋୟୀ । ଅବକାରୀ କମିଶନର ନରସିଂହ ଭୋଳ ଏବଂ ଡେପୁଟି କମିଶନର ଉମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଏହି ଚଡାଉ ହୋଇଥିଲା। ପଦ୍ମନଙ୍କଠାରୁ ଦେଶୀ ମଦ ପ୍ୟାକେଟ ସହ ଏକ ବାଇକ ଜବତ କରାଯାଇଛି। ସେହିପରି ସୀମାଞ୍ଚଳଙ୍କଠାରୁ ମଧ୍ୟ ଦେଶୀ ମଦ ପ୍ୟାକେଟ ଜବତ ହୋଇଛି। ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଓଆଇସି ରଶ୍ମି ରଞ୍ଜନ ନାୟକ କହିଛନ୍ତି ।

## ବ୍ଲକ, ମ୍ୟୁନିସିପାଲିଟିରେ ହୋମ ଭୋଟିଂ



ମତଦାନ ସଂଗ୍ରହ କାର୍ଯ୍ୟ ତଦାରଖ କରୁଛନ୍ତି ନିର୍ବାଚନ ପର୍ଯ୍ୟବେକ୍ଷକ ଓ ଅନ୍ୟମାନେ।

ହିଞ୍ଜିଳିକାଟୁ,୧୪।୫( ଦ୍ୱିତୀକୃଷ୍ଣ ପଣ୍ଡା)

ଆସନ୍ତା ୨୦ ତାରିଖରେ ଆସିକା ଲୋକ ସଭା ଆସନ ଏବଂ ଏହା ଅଧୀନ ୭ଟି ବିଧାନସଭା ଆସନ ପାଇଁ ମତଦାନ ହେବ। ଚଳିତଥର ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଭୋଟର, ଭିନ୍ନକ୍ଷମଙ୍କ ଘରକୁ ଯାଇ ଭୋଟ ସଂଗ୍ରହ ବ୍ୟବସ୍ଥା ହୋଇଛି। ନିର୍ବାଚନ ପରିଚାଳନା କରୁଥିବା କର୍ମଚାରୀ ହିଞ୍ଜିଳିକାଟୁ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ୨ ଦିନ ଧରି ଘରକୁ ଯାଇ ଭୋଟ ସଂଗ୍ରହ କରିବେ । ମ୍ୟୁନିସିପାଲିଟିର ୬ ଜଣ ଓ ବ୍ଲକରେ ୨୮ ଜଣ ଏହି ଭୋଟର ତାଲିକାରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପ୍ରଥମ ଦିନରେ ମ୍ୟୁନିସିପାଲିଟିର ୪ ଜଣଙ୍କ ମତଦାନ ସଂଗ୍ରହ କରାଯାଇଛି । ବ୍ଲକରେ ୧୧ ଜଣ ଭୋଟରଙ୍କ ଘରକୁ ଯାଇ ମତଦାନ ସଂଗ୍ରହ ହୋଇଛି। ୫ ଜଣ ଭୋଟରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଅନୁପସ୍ଥିତ ଜଣାପଡିଛି। ବୁଧବାର ୨ୟ ଦିନରେ ମଧ୍ୟ ଭୋଟ ସଂଗ୍ରହ କରାଯିବ। ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଡ଼ ଆର୍ଥୀ ଏମ. ହୋମ ଭୋଟିଂ ସଂଗ୍ରହ ତଦାରଖ କରିଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ବିଡ଼ିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଉପସ୍ଥିତ ଥିଲେ। ବିଭିନ୍ନ ପୋଲିଂ ଅଧିକାରୀ, ପୋଲିସ , ଅଙ୍ଗନୱାଡ଼ି କର୍ମୀ ଘର ବୁଲି ଭୋଟ ସଂଗ୍ରହ କରିଛନ୍ତି।

## ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ବିଜେଡିର ବୈଠକ



ଉପସ୍ଥିତ ଦଳୀୟ ବରିଷ୍ଠ ନେତାମାନେ ।

ପୁରୁଷୋତ୍ତମପୁର,୧୪।୫(ସିମାଞ୍ଚଳ ମିଶ୍ର)

ନିର୍ବାଚନକୁ ଆଉ ମାତ୍ର ପାଞ୍ଚଦିନ ବାକିରହିଥିବା ବେଳେ ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିରେ ଲାଗିରହିଥିବା ଦଳୀୟ ଅସନ୍ତୋଷକୁ ନେଇ ରାଜ୍ୟ ନେତୃ ମଣ୍ଡଳିଙ୍କ ମୁଣ୍ଡବଥା ପାଲଟିଛି। କିପରି ଏହି ଦଳୀୟ କର୍ମୀଙ୍କ ଅସନ୍ତୋଷକୁ ଦୂର କରି ସମସ୍ତଙ୍କୁ ଏକତ୍ରକରି କିପରି ନିର୍ବାଚନ ବୈତରଣୀ ପାରହେବେ ସେଥିନେଇ ଦଳୀୟ ନେତାମାନଙ୍କ ଚିନ୍ତା ବଢିଯାଇଥିବା ବେଳେ ବିଜେଡିର ପର୍ଯ୍ୟବେକ୍ଷକ ଲିଲୁ ମହାନ୍ତିଙ୍କ ସଂଯୋଜନାରେ ପୁରୁଷୋତ୍ତମପୁର ବ୍ଲକର ୧୫ ପଞ୍ଚାୟତର ବରିଷ୍ଠ ନେତା, ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ ବରିଷ୍ଠ କର୍ମୀମାନଙ୍କୁ ଏକତ୍ର କରି ତାରାତାରିଣୀଠାରେ ଏକ ହୋଟେଲରେ ମଙ୍ଗଳବାର ରାତିରେ ଏକ ବୈଠକ କରିଥିଲେ। ଏଥିରେ ପର୍ଯ୍ୟବେକ୍ଷକ ସମସ୍ତ ଅସନ୍ତୋଷର କାରଣକୁ ହୃଦୟଙ୍ଗମ କରିବା ସହ ଏହାକୁ ଗୁରୁତର ସହ ନେଇଛନ୍ତି। ଏହାର ସମାଧାନ କରିବାଲାଗି ପ୍ରତିଶ୍ରୁତି ଦେବାସହ ସମସ୍ତେ ଏକତ୍ର ହୋଇ ଦଳଲାଗି କାର୍ଯ୍ୟକରି ଯେପରି ବିଜେଡିର ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣୀ ବୈଦ୍ୟ ଓ ସାଂସଦ ପ୍ରାର୍ଥୀଙ୍କୁ ବିଜୟୀ କରିବା ଲାଗି ଅନୁରୋଧ କରିଥିଲେ। ଏଥିରେ ବରିଷ୍ଠନେତା ବାଉରୀ ପଣ୍ଡା, ରାଜ୍ୟ ସମ୍ପାଦକ ନିର୍ମଳଚନ୍ଦ୍ର ସାହୁ, ଦୈତାରୀ ବେହେରା, ସୁଦର୍ଶନ ନାୟକ, ଲିଙ୍ଗରାଜ ସାହୁ, ଦିଗାମ୍ବର ପାଣିଗ୍ରାହି, ଅଶୋକ କୁମାର ମହାଙ୍କୁଡ, ଜିଲାପରିଷଦ ସଭ୍ୟ ରଞ୍ଜିତ ବେହେରା, କମଳଲୋଚନ ମହାପାତ୍ରଙ୍କ ସମେତ ପାଞ୍ଚଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

## ମିଳିତ ପ୍ରଚାର ମଇଦାନରେ ଏମ୍‌ପି, ବିଧାୟକ ପ୍ରାର୍ଥୀ



ପ୍ରଚାର ଅଭିଯାନରେ ଦୁଇ ପ୍ରାର୍ଥୀ।

ଆସିକା ୧୪।୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଲୋକସଭା ଆସନରେ ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଏମପି. ପ୍ରାର୍ଥୀ ସଞ୍ଜୟ କୁମାର ବିଷୋୟୀ ଏବଂ ଓଡିଶା ଜନତା ପାର୍ଟିରୁ ବିଧାୟକ ପ୍ରାର୍ଥୀ ସୂର୍ଯ୍ୟକାନ୍ତ ବେହେରା ମିଳିତ ଭାବେ ପ୍ରଚାର ଅଭିଯାନ ଜାରି ରଖିଛନ୍ତି। ଆସିକା ବ୍ଲକ ବଡଖୋଲି ଗ୍ରାମର ସଞ୍ଜୟ ଏବଂ ନଳବଣ୍ଟା ଗ୍ରାମର ସୂର୍ଯ୍ୟକାନ୍ତ ନିର୍ବାଚନ ମଇଦାନରେ ଅଛନ୍ତି। ଆସିକାର କେନ୍ଦ୍ର ଓ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ରହିଥିଲେ ମଧ୍ୟ ବିଭିନ୍ନ ସମୟରେ ଶାସନରେ ଥିବା ଦଳଙ୍କ ଅଣଦେଖା ନିତିରୁ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ପାନୀୟଜଳ, ଗମନାଗମନ ଏପରିକି ବନ୍ୟା ଦାଉରୁ ଆସିକା ସହରକୁ ରକ୍ଷା କରିବା ଲାଗି ମଧ୍ୟ କୌଣସି ବ୍ୟବସ୍ଥା କରାଯାଇପାରୁନାହିଁ । ତେଣୁ ଜନସାଧାରଣଙ୍କ ଆସିକାର ସ୍ୱାଭିମାନକୁ ରକ୍ଷା ଓ ଗୌରବ ଫେରାଇ ଆଣିବା ଲାଗି ସେମାନଙ୍କ ସପକ୍ଷରେ ମତଦାନ କରିବା ଲାଗି ପ୍ରାର୍ଥୀଦ୍ୱୟ ଗାଁକୁ ଗାଁ ବୁଲି ପ୍ରଚାର କରୁଛନ୍ତି ।

## ଭାଜପାରେ ଯୋଗଦେଲେ ବିଜେଡି ଏମ୍‌ପି ପ୍ରତିନିଧି, ପୂର୍ବତନ ଉପାଧକ୍ଷା

ପୋଲସରା, ୧୪।୫ (ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଜେଡି ଏମପି ପ୍ରତିନିଧି ମୋତିରାମ ସାହୁଙ୍କ ନେତୃତ୍ୱରେ ଲଙ୍ଗଳେଶ୍ୱର ମନ୍ଦିର ନିକଟରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଭାଜପା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ ମୋତିରାମ, ପୂର୍ବତନ ଉପାଧକ୍ଷା ବିଷ୍ଣୁପ୍ରିୟା ଓ ତାଙ୍କର ଶତାଧିକ ସମର୍ଥକ। ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁଙ୍କ କର୍ଯ୍ୟକଳାପରେ ସନ୍ତୁଷ୍ଟ ହୋଇ ମୋତିରାମ ସାହୁ ଦଳ ଛାଡ଼ିଥିବା କହିଥିଲେ। ତାଙ୍କ ସହିତ ପବିତ୍ର ପ୍ରଧାନ, ଯଜ୍ଞ ନାରାୟଣ ସାହୁ, ଭାସ୍କର ନାହକ, ପଞ୍ଚୁ ଦାସ, ଅନନ୍ତ ବେହେରା, ଶଙ୍କର ବେହେରା (ପିଲା) ନାରାୟଣ ଦାଶ, ରାମକୃଷ୍ଣ ପ୍ରଧାନଙ୍କ ସମେତ ହଜାର ହଜାର କର୍ମୀଙ୍କୁ ଘୁମୁସର ଜିଲା ଭାଜପା ସଭାପତି ତଥା ପୋଲସରା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ଓ ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ସୁଶ୍ରୀ ଆରତୀ ଦେବୀ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ। ଏହି ସମୟରେ ସୁନିଲ ପାଢ଼ୀ, ସୁଶାନ୍ତ କୁମାର ମଲ୍ଲିକ, ବିଜୟ ଲେଙ୍କା,ନୀଳାଚଳ ପଣ୍ଡା, ପ୍ରସନ୍ନ କୁମାର ଡାକୁଆ, ମହେଶ୍ୱର ପରିଡ଼ା, ରାଜେନ୍ଦ୍ର ପାତ୍ର, ସୌମ୍ୟ ରଞ୍ଜନ ସାହୁ, କାମ୍ପ ବାଢେଇ, କାମଦେବ ପ୍ରଧାନ, କୃଷ୍ଣ ଚରଣ ପଟ୍ଟନାୟକ, ମଦନ ମହାରଣା, ବିଚିତ୍ର ସାହୁ, ମଣ୍ଟୁ ସାହୁ, ଶ୍ରୀକାନ୍ତ ଲେଙ୍କା,କୃଷ୍ଣଚନ୍ଦ୍ର ଦିକ୍ଷୀତ ସହିତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ।



ଶୋଭାଯାତ୍ରାରେ ଯାଉଛନ୍ତି ମୋତିରାମ ଓ ତାଙ୍କ ସମର୍ଥକ।

